# ଇଣ୍ଡିଆ ଫାଉଣ୍ଡେସନ୍ ଫର୍ ଦ ଆର୍ଟସ୍ (ଆଇଏଫ୍ଏ)ର
## **କଳା ଗବେଷଣା** କାର୍ଯ୍ୟକ୍ରମ ପାଇଁ
## ପ୍ରସ୍ତାବ ଦାଖଲ ନିମନ୍ତେ ଆହ୍ୱାନ
## ଶେଷ ତାରିଖ: ଅଗଷ୍ଟ 10, 2026
### ଏହି ଆହ୍ୱାନକୁ ଅନ୍ୟ ଭାରତୀୟ ଭାଷାରେ ପଢ଼ିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ

କଳା କ୍ଷେତ୍ରରେ ଗବେଷଣା ସକାଶେ ଭିନ୍ନ ଭିନ୍ନ ଏବଂ ପରିବର୍ତ୍ତନଶୀଳ ଦୃଷ୍ଟିକୋଣର ଗୁରୁତ୍ୱକୁ ସ୍ୱୀକୃତି ଦେଇଥାଏ 2025ରେ ଉଦଘାଟିତ ଆଇଏଫ୍ଏ କଳା ଗବେଷଣା କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମ ଅଧୀନରେ, ଆମେ ସେହି ସବୁ ପ୍ରକଳ୍ପ କାର୍ଯ୍ୟକାରୀ କରୁ ଯାହା ସୃଜନଶୀଳ, ଅଧ୍ୟୟନଭିତ୍ତିକ ଏବଂ/କିମ୍ବା ସାଂସ୍କୃତିକ ପରମ୍ପରାରେ ସନ୍ନିହିତ ଜ୍ଞାନ ଓ ଚିନ୍ତାଧାରାର ଅନ୍ୱେଷଣ କରିଥାଏ, ଏବଂ ଅନୁସନ୍ଧିତ୍ସା, ପାରସ୍ପରିକ ଭାବ ବିନିମୟ, ଗଭୀର ଅଧ୍ୟୟନ ଓ ପରୀକ୍ଷଣ ମାଧ୍ୟମରେ କଳା କ୍ଷେତ୍ରରେ ଗଭୀରତମ ଉପଲବ୍ଧି ହାସଲ ଦିଗରେ ଅନୁଶୀଳନକୁ ଉତ୍ସାହିତ କରିବା ନିମନ୍ତେ ଭାରତରେ କଳାତ୍ମକ ପରିପ୍ରକାଶର ଇତିହାସ ଓ ପ୍ରଚଳନର ବିବିଧ ଦୃଷ୍ଟିକୋଣ ଉନ୍ମୋଚନ କରିଥାଏ।

ଏସବୁ ପ୍ରକଳ୍ପରେ, କଳା ଗବେଷଣାକୁ ଏହିପରି ବୁଝାଯାଇ ପାରିବ:

- ଏହା ଏକ ପ୍ରକାରର **ଅନୁଶୀଳନ,** ଯାହା ମାଧ୍ୟମରେ କଳାର ସୃଷ୍ଟି, ପରିଭାଷା ନିର୍ଦ୍ଧାରଣ ଏବଂ ପ୍ରସାରଣର ଅଭିନବ ଉପାୟ ସମୂହକୁ ବିକଶିତ କରାଯାଇପାରିବ। ଆମେ ଏପରି ଅଧ୍ୟୟନକୁ ପ୍ରୋତ୍ସାହିତ କରୁ, ଯାହା ପରୀକ୍ଷଣକୁ ଆଗକୁ ବଢ଼ାଇଥାଏ, ଗବେଷଣାକୁ ଦସ୍ତାବିଜ୍ ପ୍ରସ୍ତୁତିରୁ ଊର୍ଦ୍ଧ୍ୱକୁ ନେଇଯାଏ, କଳା ଉପରେ କିଏ ଗବେଷଣା କରିପାରିବେ, କାହା ଉପରେ ଏବଂ କିପରି ଗବେଷଣା କରିବା ଗୁରୁତ୍ୱପୂର୍ଣ୍ଣ ଭଳି ପ୍ରସଙ୍ଗକୁ ଦୃଢ଼ତାର ସହିତ ଆହ୍ୱାନ ଜଣାଇଥାଏ ।
- ଶରୀର, ପ୍ରଯୁକ୍ତିବିଦ୍ୟା, ବ୍ୟକ୍ତିଗତ ବର୍ଣ୍ଣନା, ସ୍ମୃତି, ଅଭିଜ୍ଞତା, ସମ୍ପର୍କ ଏବଂ କଳ୍ପନା ମାଧ୍ୟମରେ ଜାଣିବା ଏବଂ ଚିନ୍ତା କରିବାର ଅନନ୍ୟ ଉପାୟ ମାଧ୍ୟମରେ ବିଭିନ୍ନ **ପଦ୍ଧତିର** ପୁନଃପରିକଳ୍ପନା ଏବଂ ନୂତନ ପରିକଳ୍ପନାର ଆଧାର ଗଠନ କରିବା।
- ଜଣେ ବ୍ୟକ୍ତିଙ୍କର ସୃଜନଶୀଳ/କଳାତ୍ମକ/ସାଂସ୍କୃତିକ ଅନୁଶୀଳନ ସଂପର୍କରେ ପ୍ରତ୍ୟକ୍ଷ **ଅନୁସନ୍ଧାନ**। ଆମେ ସେହିସବୁ ଗବେଷଣା ପ୍ରକ୍ରିୟା ସଂପର୍କିତ ଅନ୍ୱେଷଣ ନିମନ୍ତେ ଆଗ୍ରହୀ, ଯାହା ଆତ୍ମପ୍ରତ୍ୟୟ ଉପରେ ଆଧାରିତ ହୋଇଥିବ ଏବଂ ଯେଉଁଠାରେ ବ୍ୟକ୍ତିମାନେ ନିଜର କିମ୍ବା ଅନ୍ୟମାନଙ୍କର ସମାଲୋଚନାତ୍ମକ, କୌତୂହଳପୂର୍ଣ୍ଣ ଏବଂ ଅଗ୍ରଗାମୀ ଆଭିମୁଖ୍ୟ ସହିତ କାର୍ଯ୍ୟରତ ହୋଇଥିବେ ।
- ଭାରତରେ ଇତିହାସ, ସାଂସ୍କୃତିକ ଐତିହ୍ୟ ଏବଂ କଳାତ୍ମକ ଅନୁଶୀଳନ କ୍ଷେତ୍ରରେ ଅଭିବ୍ୟକ୍ତିର ପୁନଃପରୀକ୍ଷଣ ନିମନ୍ତେ ଉଦ୍ଦିଷ୍ଟ ବିବିଧ ଦୃଷ୍ଟିକୋଣ ପ୍ରଦାନକାରୀ ପ୍ରଚଳିତ ଧାରଣା ଏବଂ ପ୍ରସ୍ତାବଗୁଡ଼ିକୁ ନେଇ ଏକ **ପ୍ରଶ୍ନ** ଉତ୍ଥାପନ କରିବା । ଗୋଷ୍ଠୀଭିତ୍ତିକ କାର୍ଯ୍ୟଧାରା, କଳା ଓ ଆନୁସଙ୍ଗିକ କ୍ଷେତ୍ରରେ ଇତିହାସର ପୁନଃସଂଯୋଜନା ଏବଂ ଭବିଷ୍ୟତରେ କଳାତ୍ମକ ପ୍ରକ୍ରିୟାର ସମ୍ଭାବ୍ୟ ରୂପରେଖ ଆକଳନ ଦୃଷ୍ଟିରୁ ଏହି ଗବେଷଣାକୁ ବିଚାରକୁ ନିଆଯାଇପାରିବ।
- **ଉପେକ୍ଷିତ କଣ୍ଠସ୍ୱରର ସ୍ୱଷ୍ଟ ପରିପ୍ରକାଶନ** ସକାଶେ ଏକ ଅବଲମ୍ବନ ଯାହା ନୂତନ ଭାଷା, ଶବ୍ଦଭଣ୍ଡାର ଗଠନ ଏବଂ ଘରୋଇ ସାଧନ ସୃଷ୍ଟି କରିପାରେ। ଏଥିରେ 'ଉପେକ୍ଷିତ' କିମ୍ବା 'ପ୍ରତିପତ୍ତିଶାଳୀ' ରୂପେ ବିବେଚନାର ପୁନଃଆକଳନ ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରେ।
- **ଆଲୋଚନାର** ଏକ ଧାରା । ଆମେ ବିଭିନ୍ନ ଅଧ୍ୟୟନ ବିଭାଗ ଏବଂ କଳାର ଭିନ୍ନ ଭିନ୍ନ ରୂପ ମଧ୍ୟରେ ଅର୍ଥପୂର୍ଣ୍ଣ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରୁଥିବା (ଉଦାହରଣ ସ୍ୱରୂପ କଳା ଓ ବିଜ୍ଞାନ, କଳା ଓ ଦର୍ଶନ, କଳା ଓ ଡିଜିଟାଲ୍ ମିଡିଆ, ସିଦ୍ଧାନ୍ତ ଓ ବ୍ୟାବହାରିକ) ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଚାହୁଁଛୁ। କଳାତ୍ମକ ଦିଗ ସହିତ ଗବେଷଣା

ପ୍ରକ୍ରିୟା, ସିଦ୍ଧାନ୍ତ, ସଂସ୍କୃତି, ସଂସ୍ଥା ଏବଂ ପ୍ରଯୁକ୍ତିବିଦ୍ୟା ମଧ୍ୟରେ ସହଭାଗିତା ଓ ସହଯୋଗର ନୂତନ ରୂପରେଖ ସ୍ଥାପନ ଦିଗରେ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କ ସହ କାର୍ଯ୍ୟ କରିବା ଲାଗି ଆମେ ଆଗ୍ରହୀ ।

➔ **ଅନୁବାଦର** ଏକ ଧାରା, ଯାହା ଗବେଷଣାକୁ ଖୋରାକ ଯୋଗାଉଥିବ । ଅନୁବାଦ ଅନୁଶୀଳନ, ବହୁଭାଷୀ ଆଭିମୁଖ୍ୟ ସଂପର୍କିତ ପରୀକ୍ଷାନିରୀକ୍ଷା, ଏବଂ/କିମ୍ବା ଅନୁବାଦର ସାଂସ୍କୃତିକ ମୂଲ୍ୟବୋଧ ଅଧ୍ୟୟନ ନିମନ୍ତେ ଇଚ୍ଛୁକ ବ୍ୟକ୍ତିବିଶେଷଙ୍କ ପ୍ରସ୍ତାବକୁ ଆମେ ଉତ୍ସାହିତ କରୁ।

**ଏସବୁ ପ୍ରମୁଖ କ୍ଷେତ୍ର ବହିର୍ଭୁତ କଳା ଗବେଷଣାରେ ନୂତନ ଚିନ୍ତାଧାରାକୁ ପରିବ୍ୟାପ୍ତ କରିବା ଲାଗି ଆବେଦନ ମଧ୍ୟ ସ୍ୱାଗତଯୋଗ୍ୟ।**

## ପ୍ରକଳ୍ପର ଅବଧି:

ସର୍ବନିମ୍ନ **ଏକ ବର୍ଷ** ଏବଂ ସର୍ବାଧିକ **18 ମାସ**।

## ବଜେଟ୍:

ଆପଣଙ୍କର ବଜେଟ୍ **5,00,000/- ଟଙ୍କା** ପର୍ଯ୍ୟନ୍ତ ହୋଇପାରେ। ଆପଣ ଏକ ପାରିଶ୍ରମିକ ପାଇଁ **ଅନୁରୋଧ କରିପାରିବେ**, ଯାହା ପ୍ରସ୍ତାବିତ ବଜେଟର 35 ପ୍ରତିଶତରୁ ଅଧିକ ହୋଇନଥିବ । (ଦୟାକରି ସଂସ୍ଥାର ବ୍ୟୟଭାର, ନିର୍ମାଣ ଖର୍ଚ୍ଚ କିମ୍ବା ଭିତ୍ତିଭୂମି ବିକାଶ ଖର୍ଚ୍ଚକୁ ବଜେଟ୍ ଅନ୍ତର୍ଭୁକ୍ତ କରନ୍ତୁ ନାହିଁ। ବଜେଟ୍ ଉପକରଣ କ୍ରୟ ପାଇଁ ମଧ୍ୟ ଅନୁମତି ଦିଏ ନାହିଁ, କିନ୍ତୁ ଯଦି ଆପଣଙ୍କ ପ୍ରକଳ୍ପ ପାଇଁ ଉପକରଣ କିଣିବା ନିହାତି ଦରକାର, ତେବେ ପ୍ରକଳ୍ପ ସମାପ୍ତ ହେବା ପରେ ଏହାକୁ ଆଇଏଫ୍ଏକୁ ଫେରାଇବାକୁ ପଡ଼ିବ।)

## କେଉଁମାନେ ଆବେଦନ କରିପାରିବେ ?

ଶିକ୍ଷାର୍ଥୀ, ବୃତ୍ତିଗତ ଗବେଷକ, କଳାକାର-ସାମାଜିକ କର୍ମୀ, କ୍ୟୁରେଟର, ଅନୁବାଦକ, କଳାକାରଙ୍କ ଶିକ୍ଷାଦାତା, ଲେଖକ, ଦାର୍ଶନିକ, ଗେମର, କିମ୍ବା ଗବେଷଣା-ଅଧ୍ୟୟନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବାକୁ ଆଗ୍ରହୀ **ଯେ କୌଣସି ବ୍ୟକ୍ତିବିଶେଷ**।

## ଦାଖଲ ସଂପର୍କିତ ନିର୍ଦ୍ଦେଶାବଳି:

- ଆପଣଙ୍କର ଚୂଡ଼ାନ୍ତ ପ୍ରକଳ୍ପ ପଠାଇବା ପୂର୍ବରୁ 'ପ୍ରସ୍ତାବ ପାଇଁ ଅନୁରୋଧ ଏବଂ ପ୍ରକଳ୍ପ ପରିକଳ୍ପନା ବିକାଶ' ସମ୍ପର୍କରେ ଆଲୋଚନା କରିବା ଏବଂ କୌଣସି ସନ୍ଦେହ ମୋଚନ କରିବା ଲାଗି ଆମେ ଆପଣଙ୍କୁ ଉତ୍ସାହିତ କରୁଛୁ ଏବଂ ଏଥିପାଇଁ ଆପଣ **11 ଜୁଲାଇ 2026, ସୋମବାର** ପୂର୍ବରୁ ହର୍ଷିତା ବଥୱାଲ, କାର୍ଯ୍ୟକ୍ରମ ଅଧିକାରୀ, ଆର୍ଟସ୍ ରିସର୍ଚ୍ଚଙ୍କ ପାଖକୁ harshita@indiaifa.orgରେ ଲିଖିତ ପ୍ରସ୍ତାବ ପଠାଇ ପାରିବେ। ଏଥିରେ ବିଷୟବସ୍ତୁ ଧାଡ଼ିରେ '**କଳା ଗବେଷଣା ପାଇଁ ପ୍ରକଳ୍ପ ପ୍ରସ୍ତାବ**' ଲେଖା ରହିବା ଉଚିତ ।
- ଆପଣ ନିଜ ପ୍ରସ୍ତାବକୁ ଇଂରାଜୀ ସମେତ ଯେ କୌଣସି ଭାରତୀୟ ଭାଷାରେ ଲେଖିପାରିବେ।
- ପ୍ରସ୍ତାବିତ ପ୍ରକଳ୍ପରେ ଗବେଷଣା ସମ୍ବନ୍ଧୀୟ ପ୍ରଶ୍ନ, ପ୍ରସ୍ତାବିତ ଉଦ୍ଦେଶ୍ୟ, ବ୍ୟକ୍ତିଗତ ପ୍ରେରଣା ଏବଂ ସମ୍ପୃକ୍ତ ଅଂଶୀଦାରମାନଙ୍କ ବିବରଣୀରେ ସ୍ପଷ୍ଟତା ରହିବା ଉଚିତ।
- ଆମେ ଏଭଳି ପ୍ରକଳ୍ପ ବିକାଶ ପରିକଳ୍ପନା ଲାଗି ଆବେଦନକାରୀମାନଙ୍କୁ ଉତ୍ସାହିତ କରୁ, ଯାହାର ଫଳାଫଳ କିମ୍ବା ପ୍ରକ୍ରିୟାକୁ ସର୍ବସାଧାରଣ ମଞ୍ଚରେ ଉପସ୍ଥାପନ କରାଯାଇପାରିବ । ଏଗୁଡ଼ିକ ପାଠ୍ୟ, ଦୃଶ୍ୟମାନ, ପ୍ରଦର୍ଶନାତ୍ମକ, ସଂଗ୍ରହଯୋଗ୍ୟ, ଶିକ୍ଷାମୂଳକ, ସ୍ଥାନିକ, ଉପାଦାନଭିତ୍ତିକ, ବୃତ୍ତଚିତ୍ର, ଧ୍ୱନିଭିତ୍ତିକ, ଡିଜିଟାଲ୍ କିମ୍ବା ବିଭିନ୍ନ ସଂସ୍କୃତିରେ

ଗ୍ରହଣଯୋଗ୍ୟ ଅନ୍ୟ କୌଣସି ପ୍ରକାର ଉପସ୍ଥାପନର ରୂପରେଖ ହୋଇପାରେ। ପ୍ରକଳ୍ପଗୁଡ଼ିକର ଲକ୍ଷ୍ୟ ବ୍ୟାପକ ଏବଂ ବିବିଧ ରୁଚିର ଦର୍ଶକମାନଙ୍କ ପାଇଁ ସହଜଲବ୍ଧ ଏବଂ ଅର୍ଥପୂର୍ଣ୍ଣ ହେବା ଉଚିତ, ଯାହା କି ଏକାଧିକ ପ୍ରକାରର ଜନସାଧାରଣଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ।

- ଆପଣଙ୍କ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ଓ ଅଭିଜ୍ଞତା ବୃତ୍ତାନ୍ତ (CV) ଏବଂ ବିଭିନ୍ନ ସ୍ତରରେ **ପାଣ୍ଠି ଉପଯୋଗ ସଂକ୍ରାନ୍ତ** ପୂର୍ଣ୍ଣାଙ୍ଗ ବିବରଣୀ ଉଲ୍ଲେଖ କରିବା ସହିତ ଆପଣଙ୍କର ଚୂଡ଼ାନ୍ତ ପ୍ରସ୍ତାବ ଅଗଷ୍ଟ 10, 2026, ଭାରତୀୟ ସମୟ ରାତି 11:59 ପୂର୍ବରୁ ସର୍ବାଧିକ *25 ଏମବିର* ଗୋଟିଏ ଇ-ମେଲ୍ ମାଧ୍ୟମରେ harshita@indiaifa.org ରେ ଅନଲାଇନ୍‌ରେ ଦାଖଲ କରାଯିବା ଉଚିତ୍।

## ଯୋଗ୍ୟତା

- କେବଳ ଭାରତୀୟ ନାଗରିକମାନେ ଆବେଦନ କରିପାରିବେ । ଏଥିରେ ପିଆଇଓ (ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି) ଏବଂ ଓସିଆଇ (ଭାରତର ବିଦେଶୀ ନାଗରିକ) କାର୍ଡଧାରୀ ସାମିଲ ନୁହନ୍ତି ।
- ଆବେଦନକାରୀଙ୍କର ପ୍ୟାନ୍ କାର୍ଡ ରହିଥିବା ଉଚିତ୍ ଏବଂ ନିମ୍ନ ମଧ୍ୟରୁ କୌଣସି ଗୋଟିଏ ପରିଚୟପତ୍ର ଥିବା ଆବଶ୍ୟକ - ଭାରତୀୟ ପାସପୋର୍ଟ କିମ୍ବା ଆଧାର କାର୍ଡ କିମ୍ବା ଭାରତର ଭୋଟ୍ ପରିଚୟପତ୍ର।
- କେବଳ ବ୍ୟକ୍ତିବିଶେଷମାନେ ଆବେଦନ କରିପାରିବେ । କୌଣସି ପ୍ରକାର ସଂଗଠନ ଆବେଦନ କରିପାରିବେ ନାହିଁ (ଅଣଲାଭକାରୀ ବିଦ୍ୟାଳୟଙ୍କୁ ଛାଡ଼ି ଯେଉଁମାନେ କେବଳ କଳା ଶିକ୍ଷା କାର୍ଯ୍ୟକ୍ରମର ଜାତୀୟ ବିଦ୍ୟାଳୟ ପ୍ରକଳ୍ପ ଅଧୀନରେ ଆବେଦନ କରିପାରିବେ)
- ଯଦି ପ୍ରକଳ୍ପରେ ସହଭାଗିତା ଥାଏ, ସେମାନେ ମଧ୍ୟ ଭାରତୀୟ ନାଗରିକ ହୋଇଥିବା ଆବଶ୍ୟକ ।
- ଯେଉଁ ବ୍ୟକ୍ତିମାନଙ୍କର IFA ସହିତ ଆର୍ଥିକ ଅପରାଧ ଇତିହାସ ରହିଥିବ ସେମାନେ ଯୋଗ୍ୟ ନୁହନ୍ତି ।
- ଯେଉଁ ବ୍ୟକ୍ତିବିଶେଷ ପୂର୍ବରୁ IFAର ଅନୁଦାନରୁ ସହମତ ମୁତାବକ କାର୍ଯ୍ୟ IFAରେ ଜମା କରିବାରେ ବିଫଳ ହୋଇଛନ୍ତି ସେମାନେ ଯୋଗ୍ୟ ନୁହନ୍ତି ।
- ଯେଉଁ ବ୍ୟକ୍ତିମାନେ ପୂର୍ବରୁ IFA ଠାରୁ କୌଣସି କାରଣରୁ ଭବିଷ୍ୟତରେ ଆବେଦନ କରିବାର ଅନୁମତି ନଦେବା ଲାଗି ପତ୍ର ପାଇଛନ୍ତି, ସେମାନେ ମଧ୍ୟ ଯୋଗ୍ୟ ନୁହନ୍ତି ।
- IFA ଦ୍ୱାରା ବର୍ତ୍ତମାନ କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପରେ କାମ କରୁଥିବା ବ୍ୟକ୍ତିବିଶେଷମାନେ ଆବେଦନ କରିବା ଲାଗି ଯୋଗ୍ୟ ନୁହନ୍ତି ।
- ଯୁଗ୍ମ ଏକାଉଣ୍ଟ ଥିଲେ ଏକାଧିକ ବ୍ୟକ୍ତିବିଶେଷ ଆବେଦନ କରିପାରିବେ । ଯଦି ନାହିଁ, ତା'ହେଲେ ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟମାନଙ୍କୁ ସହଭାଗୀ ଭାବେ ନେଇ ଆବେଦନ କରିବା ଉଚିତ୍ ।

## ଚୟନ ପ୍ରକ୍ରିୟା:

ଏକ ବହିରାଗତ ବିଚାରକ ମଣ୍ଡଳୀ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରସ୍ତାବଗୁଡ଼ିକର ମୂଲ୍ୟାଙ୍କନ କରିବେ ଏବଂ ସ୍ଥଳବିଶେଷରେ ଆବେଦନକାରୀମାନଙ୍କୁ ବିଚାରକ ମଣ୍ଡଳୀ ସମ୍ମୁଖରେ ନିଜ ନିଜର ପ୍ରକଳ୍ପ ପରିକଳ୍ପନାର ରୂପରେଖ ଉପସ୍ଥାପନ କରିବାକୁ ପଡ଼ିପାରେ। ପ୍ରକଳ୍ପ ଚୟନ ଉପରେ ଆଇଏଫଏର ନିଷ୍ପତ୍ତି ଚୂଡ଼ାନ୍ତ ହେବ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଅସଂପୂର୍ଣ୍ଣ ଏବଂ ଯୋଗ୍ୟତା ମାନଦଣ୍ଡ ପରିସର ବହିର୍ଭୂତ ଆବେଦନକାରୀଙ୍କ ପ୍ରସ୍ତାବକୁ ବିଚାରକୁ ନିଆଯିବ ନାହିଁ ।

ସମସ୍ତ ମନୋନୀତ ପ୍ରକଳ୍ପ ଆଇଏଫ୍ଏ ଦ୍ୱାରା କାର୍ଯ୍ୟକାରୀ ହେବ ।

## ଗୁରୁତ୍ୱପୂର୍ଣ୍ଣ ତାରିଖ:

- ପ୍ରକଳ୍ପ ପରିକଳ୍ପନା/ପ୍ରଶ୍ନ ସଂପର୍କିତ ଆଲୋଚନା ପାଇଁ ଶେଷ ତାରିଖ: ଜୁଲାଇ 11, 2026
- ଚୂଡ଼ାନ୍ତ ପ୍ରସ୍ତାବ ପାଇଁ ଶେଷ ତାରିଖ: ଅଗଷ୍ଟ 10, 2026
- ମନୋନୀତ ପ୍ରକଳ୍ପଗୁଡ଼ିକର ଘୋଷଣା: ନଭେମ୍ବର 2026
- ପ୍ରକଳ୍ପ ଆରମ୍ଭ: ଜାନୁଆରୀ 2027 (ପରିବର୍ତ୍ତନ ସାପେକ୍ଷ)

*ଆଇଏଫ୍ଏ ଇଂରାଜୀ ସମେତ ବିଭିନ୍ନ ଭାରତୀୟ ଭାଷାରେ ପ୍ରକଳ୍ପଗୁଡ଼ିକୁ ବିଶେଷ ଭାବେ ପ୍ରୋତ୍ସାହିତ କରିଥାଏ, ଯାହାଦ୍ୱାରା ଏହି ପ୍ରସଙ୍ଗ ସଂପର୍କିତ ଆଲୋଚନାରେ ବିଭିନ୍ନ ଭାଷା ସନ୍ଦର୍ଭରେ ଯୋଗଦାନ ସମ୍ଭବ ହୋଇପାରିବ।*

*ଦୟାକରି ଧ୍ୟାନ ଦିଅନ୍ତୁ ଯେ ଆଇଏଫଏ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ଯାହା ପିଲାମାନଙ୍କ ସମେତ ସମସ୍ତଙ୍କୁ ସହଯୋଗ, ସମ୍ମାନ ଏବଂ ସୁରକ୍ଷା ଦେଇଥାଏ। ଆବେଦନକାରୀମାନେ ଏହି ଉଦ୍ଦେଶ୍ୟ ସହିତ ସାମିଲ ହେବା ଏବଂ ଏହାକୁ ସର୍ବଦା ବଜାୟ ରଖିବା ଆବଶ୍ୟକ।*